## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ପ୍ରାଦେଶିକ ଜ୍ଞାନ, ବିଜ୍ଞାନ ମେଳା, ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୂର୍ବାହ୍ନ ୧୧ଟା।

**ପାରଳାଖେମୁଣ୍ଡି**
- ଜିଲାସ୍ତରୀୟ ଅନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ଶୁଭାରମ୍ଭ, ଗଜପତି କ୍ରୀଡ଼ା ପ୍ରାଙ୍ଗଣ, ଅପରାହ୍ନ ୩ଟା।

## ଗଞ୍ଜାମରେ ଜୁଆଖେଳ: ୮୮୨ ଗିରଫ

**ଛତ୍ରପୁର,୧୦।୧୦(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ ପୂଜା ପାର୍ବଣ ଋତୁ ଆସିଲେ ଜୁଆଖେଳ ଆସର ଜମିଥାଏ। ଦଶହରା ପୂର୍ବରୁ ଆରମ୍ଭ ହୋଇ କୁମାର ପୂର୍ଣ୍ଣିମା ଓ କାଳୀପୂଜା ପର୍ଯ୍ୟନ୍ତ ଏହି ଖେଳ ଜିଲାର ବିଭିନ୍ନ ସ୍ଥାନରେ ଚାଲିଥାଏ। ଉଭୟ ପୁରୁଷ, ମହିଳା, ଯୁବକ, ଛାତ୍ର ସମସ୍ତେ ଖେଳ ଖେଳିଥାନ୍ତି। ପୂର୍ବରୁ ଏହା ପରିବାର ମଧ୍ୟରେ ଘରେ ହେଉଥିଲା। ମାତ୍ର ସମୟକ୍ରମେ ବିଭିନ୍ନ କ୍ଲବ, ପୂଜାମଣ୍ଡପ ପଛପଟ, ଗାଁ ବିଲ ଆଦିରେ ହେବା ସହ ବ୍ୟାପକ ଭାବେ ଏହି ଖେଳ ହେବାରେ ଲାଗିଛି। ପୂଜା ପରିପ୍ରେକ୍ଷୀରେ ଜିଲାରେ ଜୁଆଖେଳ ଉପରେ ଅଙ୍କୁଶ ଲଗାଇବା ଲାଗି ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ଚଳିତ ମାସ ୧ ତାରିଖରୁ ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲା ପକ୍ଷରୁ ଚାଲିଛି। ବିଭିନ୍ନ ସ୍ଥାନରେ ହେଉଥିବା ଜୁଆଖେଳ ଉପରେ ଗତ ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଳିତ ମାସ ୧ ରୁ ୯ ତାରିଖ ମଧ୍ୟରେ ସେଥିରେ ସମ୍ପୃକ୍ତ ୮୮୨ ଜଣଙ୍କୁ ଗିରଫ କରାଗଲାଣି। ସୋମବାର ଏ ସମ୍ପର୍କରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏଙ୍କ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଏହି ୯ ଦିନ ମଧ୍ୟରେ ୧୬୨ଜୁଆଆଡ୍ଡା ଉପରେ ଚଢ଼ାଉ କରାଯାଇଥିଲା। ସେଥିରୁ ୨୭ ଲକ୍ଷ ୨୯ ହଜାର ୨୪୦ ଟଙ୍କା ଜବତ ମଧ କରାଯାଇଛି।

## ମତ୍ସ୍ୟଜୀବୀଙ୍କ ମୃତଦେହ ଠାବ

**ଗୋପାଳପୁର,୧୦।୧୦(ଡି.ଏନ.ଏ.):** ଗୋଳନ୍ଥରା ଥାନା ବଡ଼ଏକସିଙ୍ଗି ଗ୍ରାମ ନିକଟ ନଦୀ ମୁହାଣରୁ ସୋମବାର ପୋଲିସ ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ଠାବ କରିଛି। ମୃତକ ହେଲେ ବଡ଼ଏକସିଙ୍ଗି ଗ୍ରାମର ଏନ୍.କ୍ରିଷ୍ଣା (୬୫)। ବଡ଼ଏକସିଙ୍ଗି ଗ୍ରାମର ଏନ୍.କ୍ରିଷ୍ଣା ରବିବାର ଅପରାହ୍ନ ୪ଟାରେ ଗ୍ରାମରେ ଥିବା ନଦୀ ମୁହାଣକୁ ମାଛ ମାରିବା ପାଇଁ ଯାଇଥିଲେ। ରାତି ହୋଇଯାଇଥିଲେ ମଧ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ପାଇପାରି ନ ଥିଲେ। ସୋମବାର ସକାଳେ ଗ୍ରାମର କେତେକ ଲୋକ ମାଛ ମାରିବାକୁ ନଦୀକୁ ଯାଇଥିବା ବେଳେ କ୍ରିଷ୍ଣାଙ୍କ ମୃତଦେହ ଏକ ଜାଲରେ ଲାଗିଥିବା ଦେଖିବାକୁ ପାଇଥିଲେ। ଗୋଳନ୍ଥରା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରି ନଂ ୨୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର ଅଫିସ,୧୦।୧୦:** ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ରକ୍ତଚାପ ଓ ସ୍ୱାସ୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରୋଗ୍ୟ ଭାରତୀ ଅଧକ୍ଷ ଡା.ନକୁଳ ସାହୁ ଯୋଗଦେଇ ରକ୍ତଚାପର କାରଣ ଓ ନିରାକରଣ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଆମିଷ, ପନିର, ଅଶୁଦ୍ଧ କ୍ଷୀର, ଛଣା ଖାଦ୍ୟ, ଧୂମପାନ, ମଦ୍ୟପାନ, ଚିନ୍ତା ଓ କ୍ରୋଧ ଦ୍ୱାରା ରକ୍ତଚାପ ହୋଇଥାଏ ବୋଲି ସେ କହିଥିଲେ। ଏସବୁକୁ ତ୍ୟାଗ କରିବା ସହ ପୂର୍ବାହ୍ନ ଓ ସନ୍ଧ୍ୟାରେ ଯୋଗ କରିବା ଦ୍ୱାରା ରକ୍ତଚାପ ଉପଶମ ହୋଇଥାଏ ବୋଲି ଡା.ସାହୁ କହିଥିଲେ।

# ଅପହରଣର ୨୪ଘଣ୍ଟା ପରେ ନାବାଳିକା ଉଦ୍ଧାର

- ସନ୍ଦେହରେ ଯୁବକ ଅଟକ
- ପରିବାର ଲୋକଙ୍କୁ ଭେଟିବାକୁ ପୋଲିସର ବାରଣ ଅଭିଯୋଗ

**ତୁମୁଡିବନ୍ଧ,୧୦।୧୦(ଡି.ଏନ.ଏ.)** କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା ଅଞ୍ଚଳର ଜଣେ ୧୫ ବର୍ଷିୟା ନାବାଳିକାଙ୍କୁ ରବିବାର ଅପହରଣ କରାଯାଇଥିଲା। ଏହାର ୨୪ଘଣ୍ଟା ପରେ ଅର୍ଥାତ୍ ସୋମବାର ମାଲିପଡା ରାସ୍ତାରେ ନାବାଳିକା ଜଣକ ଏକା ଚାଲି ଚାଲି ଯାଉଥିବା ବେଳେ ତୁମୁଡିବନ୍ଧ ପୋଲିସ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ସନ୍ଦେହରେ ଯୁବତୀଙ୍କ ଗ୍ରାମର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ଉଦ୍ଧାର ନାବାଳିକାଙ୍କୁ ଭେଟିବା ପାଇଁ ପରିବାର ପକ୍ଷରୁ ନିବେଦନ କରାଯାଇଥିଲେ ମଧ ପୋଲିସ ତାଙ୍କୁ ଦେଖା କରିବାର ସୁଯୋଗ ଦେଇ ନ ଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ତୁମୁଡିବନ୍ଧ ଥାନା ଅଞ୍ଚଳର ଜଣେ ୧୫ବର୍ଷୀୟା ନାବାଳିକା ରବିବାର ପୂର୍ବାହ୍ନ ୧୦ଟାଠାରୁ କେଉଁ ଆଡେ ନିଖୋଜ ହୋଇଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ସହ ସାହି ପଡ଼ିଶା ଲୋକେ ଖୋଜାଖୋଜି କରି ନ ପାଇ ନିରାଶ ହୋଇଥିଲେ। ପରେ ପରିବାର ପକ୍ଷରୁ ରବିବାର ଅପରାହ୍ନରେ ସ୍ଥାନୀୟ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ମାମଲା ନଂ.୭୯/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନାବାଳିକା ଜଣକ ସୋମବାର ପୂର୍ବାହ୍ନ ୧୦ଟାରେ ମାଲିପଡ଼ାଠାରୁ ତୁମୁଡିବନ୍ଧ ରାସ୍ତାରେ ଏକାକି ଚାଲି ଚାଲି ଯାଉଥିବା ବେଳେ ସ୍ଥାନୀୟ ପୋଲିସ ଉଦ୍ଧାର କରିଥିବା ସୂଚନା ଦେଇଛି। ଏହି ଘଟଣାକୁ ନେଇ ତୁମୁଡିବନ୍ଧ ପୋଲିସ ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ତୁମୁଡିବନ୍ଧ ଥାନା ଅଧିକାରୀ ଜୟନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

# ବୃନ୍ଦାବନ ନାୟକଙ୍କ ୩୮ତମ ଶ୍ରାଦ୍ଧ ବାର୍ଷିକୀ



ଅତିଥିମାନେ ବୃନ୍ଦାବନ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

**ବ୍ରହ୍ମପୁର ଅଫିସ,୧୦।୧୦** ଗଞ୍ଜାମ ଜିଲାର ଜନପ୍ରିୟ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ୩୮ତମ ଶ୍ରାଦ୍ଧ ବାର୍ଷିକୀ ସୋମବାର ବ୍ରହ୍ମପୁରରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି। ବୃନ୍ଦାବନ ସ୍ମୃତି କମିଟି ପକ୍ଷରୁ ପୂର୍ବାହ୍ନରେ ନୀଳକଣ୍ଠେଶ୍ୱର ପୋଖରୀରେ ତୀଳତର୍ପଣ କରାଯାଇଥିଲା। କମାପଲ୍ଲୀ ଛକରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସମୂହ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବୃନ୍ଦାବନ ସ୍ମୃତି କମିଟି ସଭାପତି ଭଗବାନ ଗନ୍ତାୟତ, ଉପସଭାପତି ଜାମୁଲା ଶଙ୍କର ନାରାୟଣ, ସମ୍ପାଦକ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ଅନେକ ବୃନ୍ଦାବନ ପ୍ରେମୀ ଯୋଗ ଦେଇଥିଲେ। ସ୍ୱର୍ଗତ ନାୟକଙ୍କ ପୁତ୍ର ତଥା ହିଞ୍ଜିଳିର ପୂର୍ବତନ ବିଧାୟକ ଉଦୟନାଥ ନାୟକ ପ୍ରତିମୂର୍ତ୍ତି ସ୍ଥଳରେ ଉପସ୍ଥିତ ସହ ମାଲ୍ୟାର୍ପଣ କରିଥିଲେ।

ଗୀତା ଭବନରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅବସରପ୍ରାପ୍ତ ମେଡିକାଲ ପ୍ରଫେସର ଡ଼ା. ପ୍ରଫୁଲ୍ଲ କୁମାର ସାହୁ, ରାଜ୍ୟ ବିଜେଡି ସମ୍ପାଦକ ତଥା ନବ ନିଯୁକ୍ତ ରାଜ୍ୟ କାଜୁ ନିଗମ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ମହିଳା ବିଜେଡି ଜୋନ ସଭାନେତ୍ରୀ ମମତା ବିଷୋୟୀ, ମହାନଗର ମହିଳା ବିଜେଡି ସଭାନେତ୍ରୀ ସୋନାଲି ଗନ୍ତାୟତ ଓ ତାଙ୍କ ଟିମ୍, ସୁରେନ୍ଦ୍ର ମହାରଣାଙ୍କ ସମେତ ବିଏମ୍‌ସିର ଅନେକ କର୍ପୋରେଟର, କଂଗ୍ରେସ ନେତା କିଶୋର କପୁର ଏବଂ ବିଭିନ୍ନ ସ୍ତରର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ସମସ୍ତେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ବୃନ୍ଦାବନ ନାୟକ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରୁ ୮ ଥର ବିଧାୟକ, ବ୍ରହ୍ମପୁର ପୌର ସଂସ୍ଥାର ୩ ଥର ନଗରପାଳ ଏବଂ ଏକାଧିକ ଥର ରାଜ୍ୟର ମନ୍ତ୍ରୀ ହୋଇଥିଲେ।

## ନବବଧୂଙ୍କୁ ଯୌତୁକ ନିର୍ଯାତନା, ଥାନାରେ ମାମଲା

**ବ୍ରହ୍ମପୁର ଅଫିସ,୧୦।୧୦** ଅଧିକ ଯୌତୁକ ଦାବିକରି ଜଣେ ନବବଧୂଙ୍କୁ ନିର୍ଯାତନା ଦିଆଯାଇଥିବା ନେଇ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୧୮୩/୨୨ରେ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା କହିଛି। ଜୁଲାଇ ୩ରେ ବ୍ରହ୍ମପୁରର ସୌମ୍ୟାଶ୍ରୀ ପୃଷ୍ଟି(୨୫)ଙ୍କର ଆସ୍କା ଖମ୍ଭେଶ୍ୱରୀ ପାଟଣାର ସିଏଚ୍.କୃଷ୍ଣେନ୍ଦୁ ସୁନ୍ଦର ପାତ୍ରଙ୍କ ସହ ବିବାହ ହୋଇଥିଲା। କିନ୍ତୁ ଶାଶୁଘରକୁ ଯିବାର ୨ଦିନ ପରେ ସୌମ୍ୟାଶ୍ରୀଙ୍କ ସମସ୍ତ ସୁନାଗହଣା, ରୁପା, ବାସନ ଏବଂ ନଗଦ ଟଙ୍କା ଶାଶୁଘର ଲୋକେ ଛଡ଼େଇ ନେଇଥିଲେ। ସ୍ୱାମୀଙ୍କ ସହ ୨ବର୍ଷ ପର୍ଯ୍ୟନ୍ତ ସମ୍ପର୍କ ନ ରଖିବାକୁ ଶାଶୁ ଓ ନଣନ୍ଦ ତାଗିଦ କରିବା ସହ ମାଡ଼ ମାରିଥିଲେ। କୋଠମଡ଼ାଣରେ ବାପଘରକୁ ସ୍ୱାମୀ ସହ ଆସିବା ବେଳେ ଏକ କାର୍ ଏବଂ ଅଢ଼େଇଲକ୍ଷ ଟଙ୍କା ଯୌତୁକ ନେଇ ଆସିବା ପାଇଁ ଶାଶୁ କହିଥିଲେ। ସ୍ୱାମୀ ଫେରିଯିବା ପରେ ଏନେଇ ସେ ବାପା ମା'ଙ୍କୁ ଜଣାଇଥିଲେ। ବାପା, ମା ଓ ମାମୁ ଶାଶୁଘରକୁ ଯାଇ ବୁଝାଶୁଝା କରି ସୌମ୍ୟାଶ୍ରୀଙ୍କୁ ଛାଡ଼ି ଆସିଥିଲେ। କିନ୍ତୁ ପୁଣି ଥରେ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଇଥିଲେ। ରାଖୀ ପୂର୍ଣ୍ଣିମା ବାହାନାରେ କୌଶଳକ୍ରମେ ବାପଘରକୁ ଚାଲି ଆସି ଏ ସମ୍ପର୍କରେ କହିଥିଲେ। ପରିବାର ଲୋକେ ସମାଧାନ ପାଇଁ ବାରମ୍ବାର ଚେଷ୍ଟା କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଓଲଟା ଆସ୍କା ଡକାଇ ସ୍ୱାମୀ, ତାଙ୍କ ବଡ଼ବାପା, ଶ୍ୱଶୁର ମିଶି ସୌମ୍ୟାଶ୍ରୀ, ତାଙ୍କ ବାପା ଏବଂ ମାମୁଙ୍କୁ ନିଛାଟିଆ ସ୍ଥାନକୁ ନେଇ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ।

## ଏସ୍‌ଡିସି ଅଧକ୍ଷଙ୍କୁ ସମ୍ବର୍ଦ୍ଧନା

ଫୁଲବାଣୀ ଅଫିସ, ୧୦।୧୦: ଫୁଲବାଣୀରେ କୁଇ ସମାଜ ସେବା ସମିତିର ପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରଦନ ମଲ୍ଲିକ ଏବଂ ଉପଧକ୍ଷା ନଳିନୀ କହଁରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ କନ୍ଧମାଳର କୁଇ ଭାଷା, ଐତିହ୍ୟ, ପରମ୍ପରା ଏବଂ ପର୍ବ ପର୍ବାଣୀର ରକ୍ଷଣାବେକ୍ଷଣା ପାଇଁ ଅଧକ୍ଷଙ୍କୁ ସମାଜ ତରଫରୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ କୁଇ ସମାଜ ସଭାପତି ସୁଦର୍ଶନ କହଁର ପୌରହିତ୍ୟ କରିଥିବା ବେଳେ ସମ୍ପାଦକ ଅବନୀ କୁମାର କହଁର, ସଦସ୍ୟ ପଞ୍ଚାନନ କହଁର, ବିଶ୍ୱମ୍ଭର ପ୍ରଧାନ, ଉପଦେଷ୍ଟା ଉମାଚରଣ ମଲ୍ଲିକ, ସରପଞ୍ଚ ହେମକେଶ ମଲ୍ଲିକ, ଟିକାବାଲି ବ୍ଲକ ଅଧକ୍ଷ ଦିଲ୍ଲୀପ କହଁର, ଲଳିତ କୁମାର ମଲ୍ଲିକ, ଶରତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# କୋଭିଡ୍ ପରେ ମାନସିକ ସମସ୍ୟା ବଢ଼ିଛି

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ
### ଜିଲାରେ ୭ ହଜାର ଲୋକ ଆକ୍ରାନ୍ତ




ଶୋଭାଯାତ୍ରାରେ ଡାକ୍ତର ଓ ନର୍ସିଂ ଛାତ୍ରୀ।

**ବ୍ରହ୍ମପୁର ଅଫିସ,୧୦।୧୦** ଗଞ୍ଜାମ ଜିଲା ସମନ୍ୱିତ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ନିଶା ନିବାରଣ କେନ୍ଦ୍ର, ଗଞ୍ଜାମ ଆନୁକୂଲ୍ୟରେ ସୋମବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ପରିସରରେ ଡାକ୍ତର ଓ ନର୍ସିଂ ଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରିଥିଲା। ଚଳିତ ବର୍ଷ ଏହି ଦିବସ ପାଳନର ଥିମ୍ ରହିଛି ମାନସିକ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ପାଇଁ ବୈଷୟିକସ୍ତରରେ ଗୁରୁତ୍ୱ ଦେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମ ସମନ୍ୱିତ ନିଶା ନିବାରଣ କେନ୍ଦ୍ରର ନୋଡାଲ ଅଫିସର ତଥା ସହକାରୀ ପ୍ରଫେସର ଡା. ବିଭୁକଲ୍ୟାଣ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସେ କହିଛନ୍ତି, ସୁସ୍ଥ ମଣିଷ କହିଲେ ଉଭୟ ଶାରୀରିକ ଓ ମାନସିକ ସୁସ୍ଥତାକୁ ବୁଝାଏ। ମାତ୍ର ସୁନ୍ଦର ସ୍ୱାସ୍ଥ୍ୟ ନିମନ୍ତେ ଲୋକମାନେ ଶରୀର ଉପରେ ଅଧିକ ଧ୍ୟାନ ଦେଉଥିବା ବେଳେ ମାନସିକ ସୁସ୍ଥତା ଓ ରୋଗ ସମ୍ପର୍କରେ ଲୋକମାନଙ୍କ ଭିତରେ ସଚେତନତାର ଘୋର ଅଭାବ ରହିଛି। ଫଳରେ ଜିଲାରେ ମାନସିକ ରୋଗୀ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ଏପରି କି ବେଳେବେଳେ ସାମାନ୍ୟ କଥାକୁ କେନ୍ଦ୍ରକରି ସେମାନଙ୍କ ମାନସିକ ସନ୍ତୁଳନ ହରାଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଛନ୍ତି। ଜିଲାରେ ଏବେ ୭ ହଜାରରୁ ଅଧିକ ଲୋକ ଏହି ସମସ୍ୟାରେ ଆକ୍ରାନ୍ତ ହୋଇଛନ୍ତି। କରୋନା ପରେ ସବୁ ବର୍ଗ ଓ ବୟସର ଲୋକଙ୍କ ମାନସିକ ସମସ୍ୟା ବଢ଼ିଯାଇଛି। ଚାକିରି ଚାଲିଯିବା, ଆର୍ଥିକ ସଙ୍କଟ ଓ ରୋଗ ଭୟ ଯୋଗୁ ଅବସାଦ ବା ଡିପ୍ରେସନ, ଆଙ୍ଗ୍‌ଜାଇଟି, ମାନସିକ ଛାନିଆ ରୋଗ ବା ପ୍ୟାନିକ ରୋଗ ଓ ଅନିଦ୍ରା ଆଦି ବୃଦ୍ଧି ପାଇବାରେ ଲାଗିଛି।

କରୋନା ପରେ ଜିଲାରେ ୧୫ରୁ ୨୦ ଗୁଣ ମାନସିକ ସମସ୍ୟା ବଢ଼ିଛି। ସେହିପରି ମାନସିକ ସମସ୍ୟା ଦ୍ୱାରା ଆକ୍ରାନ୍ତ ୭୦ରୁ ୯୨ ପ୍ରତିଶତ ଲୋକ ବିଭିନ୍ନ କାରଣରୁ ଆବଶ୍ୟକ ଚିକିତ୍ସା ପାଇପାରୁନାହାନ୍ତି ବୋଲି ମଧ ସେ କହିଛନ୍ତି। ଅନ୍ୟପଟେ ହସ୍ପିଟାଲଗୁଡ଼ିକରେ ମାନସିକ ରୋଗ ବିଶେଷଜ୍ଞଙ୍କର ଅଭାବ ରହିଛି। ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହି ଦିବସ ପାଳନ କରାଯାଇଥାଏ ବୋଲି ବଡ଼ ମେଡିକାଲ ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଡା. ଚନ୍ଦ୍ରଶେଖର ତ୍ରିପାଠୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍. ଜଗଦୀଶ ପଟ୍ଟନାୟକ, ଡା. ଶର୍ମିଷ୍ଠା ପ୍ରିୟଦର୍ଶିନୀ, ଡା. ସ୍ୱାତୀ ମିଶ୍ର, ଡା. ଶ୍ରୀଜିତା ମୁଖାର୍ଜୀ, ଡା. ସରୋଜ କୁମାର ପୁରୋହିତ ଓ ଡା. ରତ୍ନେଶ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ଦେବ



@ କିରଣ



@ କାହ୍ନା



@ ଲିପ୍ସା



@ ସୁଭଦ୍ରା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆର୍‌ଏସ୍‌ଏସ୍ ପକ୍ଷରୁ ବିଜୟା ଦଶମୀ

**ଆର.ଉଦୟଗିରି,୧୦।୧୦(ଡି.ଏନ.ଏ.)** ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ବିଜୟା ଦଶମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୋହନା ଖଣ୍ଡ କାର୍ଯ୍ୟବାହ ବଙ୍ଗାଳୀ ଜାନିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍ ସହପ୍ରାନ୍ତ ଶାରୀରିକ ପ୍ରମୁଖ ଅଶୋକ ରଣଜିତ୍ , ସମ୍ମାନିତ ଅତିଥି ବିଶ୍ୱହିନ୍ଦୁ ପରିଷଦ ଗଜପତି ଜିଲା ପ୍ରଭାରୀ ତରଣୀସେନ ଦାସ ଓ ଅଡ଼ବା ଗ୍ରାମ ମୁଖ୍ୟ ପ୍ରତାପ ସିଂ ପାତ୍ର ଯୋଗଦେଇଥିଲେ। ସ୍ୱୟଂସେବକମାନେ ପ୍ରଥମେ ଘୋଷବାଦ୍ୟ ସହ ଗ୍ରାମ ପରିକ୍ରମା କରିଥିଲେ। ଏହା ପରେ ଶିଶୁମନ୍ଦିର ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅଡବା ଗ୍ରାମର ଯୁବଗୋଷ୍ଠୀ, ବଜରଙ୍ଗ ଦଳ କର୍ମୀ ପରିଚାଳନା କରିଥିବା ବେଳେ ଏଥିରେ ଆର୍‌ଏସ୍‌ଏସ୍‌ର ଜୁରିଆ ଜାନି, ଅମୂଲ୍ୟ ପାତ୍ର, ପ୍ରଶାନ୍ତ ସୁବୁଦ୍ଧି, ବାବୁଲା ସେଠୀ ଓ ଶିବରାମ ସୁଆର ପ୍ରମୁଖ ଯୋଗଦେଇଥିଲେ।

## ବିଭିନ୍ନ ସ୍ଥାନରେ ଲକ୍ଷ୍ମୀ ପୂଜା



ଗଞ୍ଜାମରେ ମା ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା



ଜି.ଉଦୟଗିରି ଲକ୍ଷ୍ମୀ ବଜାର ପୂଜା ମଣ୍ଡପ



ଜଗନ୍ନାଥପ୍ରସାଦ ମା କରଞ୍ଜେଇ ବଣିକ ସଂଘ ପକ୍ଷରୁ ଆୟୋଜିତ ପୂଜା



ଛତ୍ରପୁରରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

## ସଂକ୍ଷେପରେ

### କାହାଣୀ ଲେଖୁଛି ଆଖି ଲୁହରେ ମଞ୍ଚସ୍ଥ

ପୋଲସରା,୧୦।୧୦(ଡି.ଏନ.ଏ.)- ପୋଲସରା ବ୍ଲକ୍ ମଥୁରା ଗ୍ରାମରେ ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ଶ୍ରୀଶ୍ରୀ ମା' ଦୁର୍ଗାପୂଜା ନାଟ୍ୟସଂସଦର ପ୍ରଥମ ଅବଦାନରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ନେଇ ଏକ ସାମାଜିକ ନାଟକ ପରିବେଷଣ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇ ସାମାଜିକ ନାଟକ କାହାଣୀ ଲେଖୁଛି ଆଖି ଲୁହରେର ଉଦ୍‌ଘାଟନ କରିଥିଲେ। ନାଟକର ନିର୍ଦ୍ଦେଶନା ଦେଇଥିଲେ ଯୁବ ନିର୍ଦ୍ଦେଶକ ହୃଷୀକେଶ ମହାରଣା। ସମ୍ମାନୀତ ଅତିଥି ଭାବେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ପୋଲସରା ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ରନାଥ ପ୍ରଧାନ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ଝୁନୁ ଦାସ, ବିକ୍ରମ କୁମାର ନାୟକ, ବ୍ଲକ ଅଧକ୍ଷା ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ଉପାଧକ୍ଷ କାହ୍ନୁ ପରିଡ଼ା, ପୋଲସରା ଏନ୍‌ଏସି ଉପାଧକ୍ଷ ସନ୍ତୋଷ କୁମାର ବେହେରା, ପୂର୍ବତନ ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ବୁଗୁଡା ବ୍ଲକ ଅଧକ୍ଷା ପ୍ରତିନିଧି କୁନା ଆଚାରୀ, ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ବୁଗୁଡା ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ସୁଧାଂଶୁ ଶେଖର ପାଢ଼ୀ, ଆଇନଜୀବୀ ପବିତ୍ର ନାୟକଙ୍କ ସମେତ ପୋଲସରା ବ୍ଲକର ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ଦୁର୍ଗାପୂଜା ନାଟ୍ୟ ସଂସଦର ସଭାପତି କୈବଲ୍ୟ ପାତ୍ର, ଉପ ସଭାପତି ଚନ୍ଦ୍ର ମାହୁନ୍ତ, ଉପଦେଷ୍ଟା କୃଷ୍ଣ ମହାରଣା, କାମେଶ୍ୱର ମହାରଣା, ଜଗଦୀଶ ମହାରଣା, କୋଷାଧକ୍ଷ ଜିତୁନ ବେହେରା ଆୟୋଜକ ମଣ୍ଡଳୀ ରହିଥିବା ବେଳେ ସୁପ୍ରଜିତ ସାହୁ ଓ ରାଇରଞ୍ଜନ ନନ୍ଦ ମଞ୍ଚ ପରିଚାଳନା କରିଥିଲେ।

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ସଚେତନତା

ପାରଳାଖେମୁଣ୍ଡି,୧୦।୧୦(ଡି.ଏନ୍.ଏ.)- ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଠ ଗ୍ରାମରେ ଥିବା ନିୟତୀ ମାନସିକ ଅନଗ୍ରସର ବିଦ୍ୟାଳୟଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ପ୍ରାଧିକରଣ ଅଧକ୍ଷ ତଥା ଜିଲା ଓ ଜୌରାଜଜ୍ ପ୍ରଣବ କୁମାର ରାଉତରାୟ ମୁଖ୍ୟଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସଙ୍ଗେ ସଙ୍ଗେ ଏହି ଦିବସର ଉଦ୍ଦେଶ୍ୟ ବିଷୟରେ ସଚେତନତା କରାଇଥିଲେ। ମଞ୍ଚାସୀନ ଅତିଥି ରୂପେ ପରିବାର ଅଦାଲତର ଜଜ୍ ସୁବ୍ରତ ମହାନ୍ତି, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ମାନସ କୁମାର ପଣ୍ଡା, ସବ୍‌ଜଜ୍ ସନ୍ତୋଷ କୁମାର ଅଗ୍ରୱାଲ, ସଚିବ ଜିଲା ଆଇନ ସେବା ପ୍ରାଧିକରଣ ରବି ନାରାୟଣ ବେହେରା, ଦ୍ୱିତୀୟ ବିଚାର ବିଭାଗୀୟ ଅଧିକାରୀ ଶୁଭଜିତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିୟତୀ ମାନସିକ ଅନଗ୍ରସର ବିଦ୍ୟାଳୟର ସଭାପତି ବିଚିତ୍ରା ନନ୍ଦ ବେବର୍ତ୍ତା ପ୍ରମୁଖଙ୍କ ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ୨୫ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏବଂ ବହୁ ସଂଖ୍ୟକ ଅଭିଭାବକ ମାନେ ଯୋଗଦେଇଥିଲେ।

# ସମ୍ଭାବ୍ୟ ବାତ୍ୟା ଲାଗି ପ୍ରସ୍ତୁତ ରୁହ ; ମୁଖ୍ୟ ଶାସନ ସଚିବ

## ସମୀକ୍ଷା ବୈଠକରେ ପରାମର୍ଶ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ଓଡ଼ିଶାର ଭୌଗୋଳିକ ସ୍ଥିତି ଓ ଜଳବାୟୁ ସର୍ବଦା ବନ୍ୟା, ବାତ୍ୟାପ୍ରବଣ ହୋଇ ରହିଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ସହିତ ଅକ୍ଟୋବର ଓ ନଭେମ୍ବରରେ ରାଜ୍ୟରେ ଭୀଷଣ ବାତ୍ୟା ଅନୁଭୂତ ହୁଏ । ବେଳେବେଳେ ଏହା ଡିସେମ୍ବର ୧୫ ପର୍ଯ୍ୟନ୍ତ ମଧ୍ୟ ରହିଥାଏ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବାତ୍ୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍. ଆର. ବିଶ୍ୱାସ କହିଛନ୍ତି, ବର୍ତ୍ତମାନ ଓଡ଼ିଶାର ଜଳବାୟୁ ସ୍ଥିତି ବାତ୍ୟା ଅନୁକୂଳ ରହିଛି। ହେଲେ ଆସନ୍ତା ୧୫ ଦିନ ଭିତରେ ବାତ୍ୟାର କୌଣସି ସୂଚନା ନାହିଁ।

ବୈଠକରୁ ଜଣାପଡ଼ିଛି, ଇତିମଧ୍ୟରେ ଓଡ଼ିଶାରେ ବାତ୍ୟାର ପୂର୍ବାନୁମାନ ଏବଂ ଆଗୁଆ ସତର୍କ ସୂଚନା ପ୍ରସାରଣ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି । ଜିଲା ଓ ଅଞ୍ଚଳଭିତ୍ତିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି। ଗୋପାଳପୁର ଓ ପାରାଦୀପଠାରେ ଡପ୍‌ଲର ପାଣିପାଗ ରାଡାର ଷ୍ଟେଶନ ସହ ବାଲେଶ୍ୱର, ଚାନ୍ଦବାଲି, ପୁରୀ, ଭୁବନେଶ୍ୱର, ଗୋପାଳପୁର ଏବଂ ପାରାଦୀପ ଆଦି ସ୍ଥାନରେ ଉଚ୍ଚ କ୍ଷମତାସମ୍ପନ୍ନ ବାୟୁଗତି ପରିମାପକ ଯନ୍ତ୍ରମାନ (ହାଇ ୱିଣ୍ଡ୍ ସ୍ପିଡ୍ ରେକର୍ଡର) ସ୍ଥାପନ କରାଯାଇଛି। ବାତ୍ୟାରେ ଟେଲିଫୋନ୍ ଏବଂ ବିଦ୍ୟୁତ୍ ଭିତ୍ତିଭୂମି ଅଧିକ କ୍ଷତିଗ୍ରସ୍ତ ହେଉଛି। ମୋବାଇଲ୍ ଟେଲିକମ୍-ଟାୱାର, ସାଟେଲାଇଟ୍ ଫୋନ୍ ଜେନେରେଟର, ବିଦ୍ୟୁତ୍ ଖୁଣ୍ଟ, କଣ୍ଡକ୍ଟର, ସବ୍‌ଷ୍ଟେଶନ ଓ ଯଥେଷ୍ଟ ସଂଖ୍ୟକ ମାନବ ସମ୍ବଳ ଆଦିର ଆକଳନ ଏବଂ ଆବଶ୍ୟକ ବେଳେ ତୁରନ୍ତ ନିୟୋଜିତ ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ପାନୀୟଜଳ ନିମନ୍ତେ ଗ୍ରାମ ଓ ସହରାଞ୍ଚଳରେ ଥିବା ହ୍ୟାଣ୍ଡପମ୍ପଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା ସହ ବାତ୍ୟା ଅତିକ୍ରାନ୍ତ ହେବା ପରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କର୍ମକ୍ଷମ କରିବାକୁ ପୂର୍ଣ୍ଣ ପ୍ରସ୍ତୁତି ନିମନ୍ତେ କୁହାଯାଇଛି। ଯଥେଷ୍ଟ ପରିମାଣର ବ୍ଲିଚିଂ, ହାଲୋଜିନ୍ ବଟିକା, ଔଷଧ, ଆମ୍ବୁଲାନ୍ସ ଏବଂ ଡାକ୍ତରୀ ଟିମ୍ ଆଦି ପୂର୍ବ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଓଡ୍ରାଫ୍ ଏବଂ ଅଗ୍ନିଶମ ସଂସ୍ଥା ସବୁ ଉପକରଣକୁ ଠିକ୍ ଭାବେ ଯାଞ୍ଚ କରିବା ପାଇଁ ପରାମର୍ଶ ଦିଆଯାଇଛି।

ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବାତ୍ୟା ପରିଚାଳନା ସହ ସମ୍ପୃକ୍ତ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଛନ୍ତି। ନାଭାଲ, ଆର୍ମି, କୋଷ୍ଟଗାର୍ଡ ଓ ଭାରତୀୟ ପାଣିପାଗ ବିଭାଗ ଆଦିର ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

## ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି




ଶିବିରରେ ଉପସ୍ଥିତ ଅତିଥି।

ଜି.ଉଦୟଗିରି,୧୦।୧୦

କନ୍ଧମାଳ ଜିଲା ଜି.ଉଦୟଗିରି ଶ୍ରୀରାମପଦାସ୍ଥିତ ସମ୍ମିଳିତ ସଭାଗୃହରେ ସୋମବାର ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସୁଷମା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଆଶିଷ କୁମାର ତ୍ରିପାଠୀ ଯୋଗଦେଇ ଉକ୍ତ ଯୋଜନାରେ ଶ୍ରମଜିବୀମାନଙ୍କ ପାଇଁ ବିଭିନ୍ନ ବିଭାଗରେ ଅଧିକ କର୍ଯ୍ୟ ଦିବସ ସୃଷ୍ଟି କରିବା ନେଇ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୮ଟି ପଞ୍ଚାୟତର ନିର୍ବାହୀ ଅଧିକାରୀ,ସମସ୍ତ ସରପଞ୍ଚ ଓ ସମିତି ସଭ୍ୟା, ସଭ୍ୟା, ଜିଆରଏସ୍, କନିଷ୍ଠ ଯନ୍ତ୍ରୀ,ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ, ଜଳ ବିଭାଜିକା, ରେଶମ ଚାଷ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କ ସମେତ ସମସ୍ତ ଗ୍ରାମ ସାଥୀ ଉପସ୍ଥିତ ଥିଲେ। ଏହାକୁ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଗାୟତ୍ରୀ ସାହୁ ସୁପରିଚାଳନା କରିଥିଲେ। ଏନ୍. ଶୁଶୋଭନ,ଏମ୍‌ଜିଏନ୍‌ଆରଇଜିଏସ୍ ସହାୟକ ଦେବାଶିଷ ମିଶ୍ର ଓ ଜାକେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରାଦେଶିକ ଜ୍ଞାନ, ବିଜ୍ଞାନ ମେଳା ଆଜିଠାରୁ ଆରମ୍ଭ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଶିକ୍ଷା ବିକାଶ ସମିତି ସଭାପତି ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ,୧୦।୧୦

- ଭାଗ ନେବେ ୭ଶହ ପ୍ରତିଭା
- ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ମଙ୍ଗଳବାର ଓ ବୁଧବାର ୨ ଦିନ ଧରି ୨୦ ତମ ପ୍ରାଦେଶିକ ଜ୍ଞାନ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହେବ। ଏ ନେଇ ଶିକ୍ଷାନୁଷ୍ଠାନ ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଶିକ୍ଷା ବିକାଶ ସମିତି ଡ.କିଶୋର ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ନାରାୟଣ ପଣ୍ଡା, ପ୍ରଧାନଚାର୍ଯ୍ୟ ଉମାଧବ ମହାନ୍ତି, ଅଧକ୍ଷ ଏସ୍.ମୋହନ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ପୂର୍ବାହ୍ନ ୯ ଟାରୁ ଅପରାହ୍ନ ୪ ଟା ଯାଏ ମେଳା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଶିଶୁ ବିଦ୍ୟା ମନ୍ଦିରର ପ୍ରାୟ ୭ ଶହ ଚୟନ ପ୍ରତିଭା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଜ୍ଞାନ ପ୍ରକଳ୍ପ ସହ, ବୈଦିକ ଗଣିତ ଓ ସଂସ୍କୃତିବୋଧ ପରିଯୋଜନା ମାଧ୍ୟମରେ ପ୍ରକଳ୍ପ ପ୍ରଦର୍ଶନ, ପ୍ରୟୋଗ, ପ୍ରଶ୍ନମଞ୍ଚ, ପତ୍ରବାଚନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ମେଳା ଶିଶୁ ବିଦ୍ୟା ମନ୍ଦିରର ଅଧକ୍ଷଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ।

## ୨୦ ବର୍ଷରୁ ଉର୍ଦ୍ଧ୍ୱ ଲକ୍ଷ୍ମୀ କମ୍ପ୍ଲେକ୍ସରେ ଗଜଲକ୍ଷ୍ମୀ ପୂଜା

### ଆଳତିରେ ସାମିଲ ହେଲେ ଏସ୍‌ପି

ଛତ୍ରପୁର,୧୦।୧୦(ଡି.ଏନ୍.ଏ.)

ଛତ୍ରପୁର ଲୋଏର ବସ୍‌ଷ୍ଟାଣ୍ଡରେ ଥିବା ଏନ୍‌ଏସି ଲକ୍ଷ୍ମୀବଜାର ମାର୍କେଟ କମ୍ପ୍ଲେକ୍ସରେ ମା' ଗଜଲକ୍ଷ୍ମୀଙ୍କ ପୂଜା ରବିବାରଠାରୁ ଆରମ୍ଭ ହୋଇଛି। ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଠାରେ ମା'ଙ୍କ ପୂଜା ହେଉଛି। ତେବେ କରୋନା ଯୋଗୁ ଗତ ୨ ବର୍ଷ ହେଲା ଏଠାରେ ପୂଜା ନିରାଡ଼ମ୍ବରରେ ହୋଇଥିଲା। ଏବେ କରୋନା କଟକଣା ଉଠିବାରୁ ଚଳିତ ବର୍ଷ ପୁଣି ଏଠାରେ ମହାସମାରୋହରେ ପୂଜା ହେଉଛି। ସନ୍ଧ୍ୟା ଆଳତିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବା ସହ ବହୁ ଭକ୍ତଙ୍କ ସମାଗମ ହେଉଛି। ପଣ୍ଡିତ ସରୋଜ କୁମାର ଶତପଥୀଙ୍କ ପୌରୋହିତ୍ୟରେ ସୂର୍ଯ୍ୟପୂଜା, ହୋମଯଜ୍ଞ ଏବଂ ସନ୍ଧ୍ୟାରେ ଆଳତି ଅନୁଷ୍ଠିତ ହେଉଛି। ପ୍ରଥମ ଦିନ ସନ୍ଧ୍ୟା ଆଳତିରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ସାମିଲହୋଇ ପୂଜା ଅର୍ଚ୍ଚନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପୂଜା କମିଟି ସଭାପତି ବସନ୍ତ କୁମାର ମହାରଣା, କର୍ତ୍ତା ପ୍ରଶାନ୍ତ କୁମାର ମହାରଣା, ଉପସଭାପତି ମନୋଜ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ସାହୁ, କୋଷାଧକ୍ଷ ଅତୁଲ କୁମାର ଦାଶ, ଆରତ ବିଶ୍ୱାଳ, ଲିପୁନ୍ କୁମାର ବିଶ୍ୱାଳ, କେଞ୍ଛୁ ପୁରୋହିତ, ସୁରେନ୍ଦ୍ର ବେହେରା, ବାବୁ ବେହେରା, ସନ୍ତୋଷ ଚୌଧୁରୀ, ରବିନାରାୟଣ ବେହେରା, ସୁଦାମ ରାଉଳ, ସରୋଜ କୁମାର ସାମଲ, ସରୋଜ ପାଢ଼ୀ, ଏସ୍. ପ୍ରବୀଣ କୁମାର, ସନ୍ତୋଷ ବେହେରା ଓ ଅଖିଳ ପାଣିଗ୍ରାହୀଙ୍କ ସମେତ ପୂଜା କମିଟିର ସଦସ୍ୟମାନେ ପରିଚାଳନା କରୁଛନ୍ତି।

## ମୃତ ଶିଶୁ ଜନ୍ମ ପରେ ଛାତ୍ରୀ ମୃତ୍ୟୁ ମାମଲା

# ଦୋଷୀଙ୍କ ବିରୋଧରେ ଏବିଭିପିର କାର୍ଯ୍ୟାନୁଷ୍ଠାନ ଦାବି

ଫୁଲବାଣୀ ଅଫିସ,୧୦।୧୦

ବେଲଘର ଥାନା ଅଞ୍ଚଳ ସେବାଶ୍ରମରେ ସପ୍ତମ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣାରେ ସୋମବାର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଏବିଭିପି ଦାବି କରିଛି। ସ୍ଥାନୀୟ ପ୍ରେସ କ୍ଲବରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏବିଭିପି ଏହି ପ୍ରସଙ୍ଗ ଉଠାଇ ଜିଲା ପ୍ରଶାସନ, ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଛାତ୍ରୀ ଓ ତାର ଶିଶୁର ମୃତ୍ୟୁ ହୋଇଛି । ଜିଲାର ଜଣେ ନେତାଙ୍କ ସମ୍ପର୍କୀୟ ଠିକାଦାର ଏଥିରେ ସମ୍ପୃକ୍ତି ରହିଥିବା କୁହାଯାଉଥିବାରୁ ଏହାର ନିରପେକ୍ଷ ତଦନ୍ତ ମଧ୍ୟ ଦାବି କରାଯାଇଛି। ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ଅବହେଳା ଯୋଗୁ ଏ ଘଟଣା ଘଟିଛି। ସରକାର ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବି ରଖିଛି ଏବିଭିପି। ଏବିଭିପି ଜିଲା ସଂଯୋଜକ ରୁଦ୍ର ପ୍ରସାଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା ପ୍ରମୁଖ ଶିବାଶିଷ ପଣ୍ଡା, ନଗର ସମ୍ପାଦକ ଅମିତ ବେହେରା, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟା ଅହଲ୍ୟା ମାଝୀ, ସନା କହଁର, ରଜତ ବେହେରା, ରଜତ ମହାପାତ୍ର, ତ୍ରିଲୋଚନ ଗଣ୍ଡା ଉପସ୍ଥିତ ରହିଥିଲେ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ

ଫୁଲବାଣୀ ଅଫିସ, ୧୦।୧୦



ପଦଯାତ୍ରା।

ଫିରିଙ୍ଗିଆ ବ୍ଲକରେ ସ୍ୱାତୀ ଓ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ଆନୁକୁଲ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ପଦଯାତ୍ରାକୁ ଡା. ପ୍ରବୋଧ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ବିଭିନ୍ନ ସ୍ଲୋଗାନ ଦିଆଯାଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । ପରେ ଅନୁଷ୍ଠିତ ସଭାରେ ଅଙ୍ଗନୱାଡି, ଆଶା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପଞ୍ଚାୟତ ପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀମାନେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରିଥିଲେ। ସୋମବାର 'ମାନସିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଓ ପ୍ରାଥମିକତା' ଉପରେ ଆହ୍ୱାନ ଦିଆଯାଇଥିଲା। ମାନସିକ ଅସୁସ୍ଥତାର ଲକ୍ଷଣ ଓ କିପରି ପରାମର୍ଶ କରିବା ସେହି ଉପରେ ଡା. ପ୍ରବୋଧ ପ୍ରଧାନ ଓ ଡା. ଶୁମନ୍ତ ମାଝି ବକ୍ତବ୍ୟ ରଖିଥିଲେ । ସ୍ୱାତୀର ସମ୍ପାଦକ ହରିଶଙ୍କର ରାଉତ ଭେଦଭାବ ଓ ଅପପ୍ରଚାରରୁ ଦୁରରେ ରହି ସେହି ପରିବାରର ମନୋବଳ ବଢେଇବା ପାଇଁ ମତ ରଖିଥିଲେ। ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର ରତ୍ନାବତୀ ବେହେରା, ଶୈଳବାଳା ସାହୁ, କେଶନି ପ୍ରଧାନ, ଅପର୍ଣ୍ଣା ଦିଗାଲ, ବିନତା କୁମାରି ପ୍ରଧାନ, ପ୍ରଣତି ପ୍ରଧାନ, ପ୍ରମିଳା ପ୍ରଧାନ, ବୈଜନ୍ତି ମଲ୍ଲିକ ଉପସ୍ଥିତ ରହି ଗ୍ରାମସ୍ତରରେ କିପରି ଚିହ୍ନଟ ତ୍ୱରାନିତ ହେବ ସେଥିପ୍ରତି ସହଯୋଗର ହାତ ବଢାଇଥିଲେ। ସ୍ୱାତୀର କର୍ମୀ ପ୍ରଦିପ ସ୍ୱାଇଁ, ପ୍ରକଳ୍ପ ସଂଯୋଜିକା ମମତା ଦାସ ମଧ୍ୟ ନିଜ ବକ୍ତବ୍ୟ ରଖିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

କବିସୂର୍ଯ୍ୟନଗର,୧୦।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ପାଇକଯମୁନାଠାରେ ସୋମବାର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣରେ ସାନ୍ତୁନୁ ଖଣ୍ଡୁଆଳ ଗୁରୁତର ହୋଇଛନ୍ତି। ତାଙ୍କୁ ପୋଲସରା ମେଡିକାଲରେ ଭର୍ତ୍ତି କରାଯଇଛି। ସନ୍ଧ୍ୟାରେ ଗ୍ରାମ ପୋଖରୀ ନିକଟ ଦେଇ ସାନ୍ତୁନୁ ବାଇକ ଯୋଗେ ଯିବା ବେଳେ ଗ୍ରାମର କେତେଜଣ ରାଜନୈତିକ ଆକ୍ରୋଶ ରଖି ତାଙ୍କ ଉପରକୁ ଠେଙ୍ଗା ଓ କାତି ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସାନ୍ତୁନୁଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ପ୍ରଶାସନ ନିକଟରେ ସେ ନ୍ୟାୟ ଭିକ୍ଷା କରିଛନ୍ତି।

## କାର୍ତ୍ତିକ ପ୍ରଥମ ସୋମବାର

# ଓଁ କାର ଧ୍ୱନୀରେ ପ୍ରକମ୍ପିତ ଶୈବ ପୀଠ



ନିମଖଣ୍ଡି ନର୍ମଦେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା।

ବ୍ରହ୍ମପୁର ଅଫିସ,୧୦।୧୦

କାର୍ତ୍ତିକ ମାସ ପ୍ରଥମ ସୋମବାରରେ ସହରର ବିଭିନ୍ନ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ଉତ୍ତରେଶ୍ୱର, ସ୍ୱପ୍ନେଶ୍ୱର, ବାଲୁଙ୍କେଶ୍ୱର, ଚନ୍ଦ୍ରକଙ୍କେଶ୍ୱର, ବୈଦ୍ୟନାଥେଶ୍ୱର, ମୁକ୍ତେଶ୍ୱର, ନିମଖଣ୍ଡି ସ୍ଥିତ ନର୍ମଦେଶ୍ୱର, ନୀଳକଣ୍ଠେଶ୍ୱର, ଜାତୀୟ ରାଜପଥ ନିକଟସ୍ଥ ସ୍ଫଟିକ ଲିଙ୍ଗ, ଗୋକର୍ଣ୍ଣେଶ୍ୱର, ପାତାଳେଶ୍ୱର, ପଶ୍ଚିମେଶ୍ୱର, ଶ୍ମଶାନେଶ୍ୱର, ଗୋପାଳପୁର ଓ ଧବଳେଶ୍ୱର ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଶୈବ ପୀଠଗୁଡ଼ିକରେ ଓଁ କାର ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା। ଏପରିକି ବହୁ ମନ୍ଦିରରେ ଭକ୍ତଙ୍କ ଦ୍ୱାରା ରୁଦ୍ରାଭିଷେକ ମଧ୍ୟ କରାଯାଇଥିଲା। ଏଥିସହ ଦିନ ତମାମ ବାଳ ଭୋଗ ଓ ଅପରାହ୍ନରେ ଅନ୍ନ ପ୍ରସାଦ ଲାଗି କରାଯାଇଥିଲା।

# ମଧୁମାୟା ଫାଉଣ୍ଡେଶନ ପକ୍ଷରୁ କୁଆଁର ପୂନେଇଁ ଜହ୍ନଲୋ

ବ୍ରହ୍ମପୁର ଅଫିସ,୧୦।୧୦



ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

କୁମାର ପୂର୍ଣ୍ଣିମା ଉପଲକ୍ଷେ ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେଶନ ପକ୍ଷରୁ ରବିବାର ଆଇଟିଆଇ ଅଡିଟୋରିୟମରେ କୁଆଁର ପୁନେଇଁ ଜହ୍ନଲୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ବାରହିନ ଓଡିଆ ସମାଜ ପ୍ରତିଷ୍ଠାତା ଡ.ଅରୁଣ କେ.ପ୍ରହରାଜ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଉତ୍ତରପ୍ରଦେଶ ଲକ୍ଷ୍ନୌ ଡିଜି ୟୁପିପିସିଏଲ ଡ.ଏସ୍.ଏନ୍,ସାବତ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁଦିପ୍ତା ପାଣିଗ୍ରାହୀ, ଡ.ବିଶ୍ୱକେଶ ପାଣିଗ୍ରାହୀ ଓ ସୁର୍ଦ୍ଧ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ.ହୃଷୀକେଶ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନରେନ୍ଦ୍ରପୁର ଶରତ ମହାପାତ୍ର ଓ ସହଯୋଗୀଙ୍କ ଦ୍ୱାରା ଶଙ୍ଖନାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତତସହିତ ସୁଶ୍ରୀ ସମିତାଙ୍କ ଦ୍ୱାରା ଶକ୍ତି ଆଭାନୀ ନୃତ୍ୟ ପରିବେଶଣ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସଂଗୀତଜ୍ଞଙ୍କ ଦ୍ୱାରା କୁଆଁର ପୁନେଇଁ ଜହ୍ନଲୋ ପାରମ୍ପରିକ ଗୀତ ଗାନ କରାଯାଇଥିଲା।

ଫାଉଣ୍ଡେଶନ ପକ୍ଷରୁ ମାଷ୍ଟର ଚିଫ ଅଫ ଇଣ୍ଡିଆ ଅବିନାଶ ନାୟକଙ୍କ ପିତାମାତା, ସଂଗୀତଜ୍ଞ ଶଶାଙ୍କ ଶେଖର ସାହୁ ଓ ମଣ୍ଡଳ ଚିତ୍ରକାର ଶ୍ୱେତପଦ୍ମା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପି.ଜେ.ପାଢୀ,ଏ.ତ୍ରିପତି ବାଲାଜୀ ପାତ୍ର, ଡ.ମିହିର କୁମାର ତ୍ରିପାଠୀ, ଡ.ବିଶ୍ୱନାଥ ପାଣିଗ୍ରାହୀ, ଡ. ସୌମ୍ୟା ଓ ଭଗବାନ ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜହ୍ନିଓଷା ଉଦଯାପନ

ଆର.ଉଦୟଗିରି,୧୦।୧୦(ଡି.ଏନ.ଏ.)

ମୋହନା ବ୍ଲକ ଧାଡ଼ିଆମ୍ବ ଗ୍ରାମରେ ଦେଖିବାକୁ ମିଳିଛି କୁମାରୀମାନଙ୍କ ପାର୍ବଣୀୟ ଜହ୍ନି ଓଷା ପର୍ବ। ଏହି ପର୍ବ ପ୍ରାୟ କୁମାରୀ ଓ କିଛି ସ୍ତ୍ରୀ ଲୋକମାନେ ନିଜ ପରିବାର ପାଇଁ ମାନସିକ ରଖିଥାନ୍ତି। ସେହିମାନେ ଭାଦ୍ରବ ମାସର ପୂର୍ଣ୍ଣିମାଠାରୁ ଆରମ୍ଭ କରି ଆଶ୍ୱିନ ମାସର ପୂର୍ଣ୍ଣିମା ଯାଏ ପାଳନ କରିଥାନ୍ତି ଜହ୍ନି ଓଷା। ଏହି ଜହ୍ନି ଓଷାରେ ମାସ ସାରା ପୂଜା ପାଇଥାନ୍ତି ମା' ବୃନ୍ଦାବତୀ। ଏହି ପୂଜା ବିଧି ବିଧାନ ଅନୁସାରେ ପ୍ରାତଃ ଓ ସନ୍ଧ୍ୟାରେ ପୂଜା ପାଆନ୍ତି ଶ୍ରୀକୃଷ୍ଣ ଓ ବୃନ୍ଦାବତୀ। ଏହାର ପୂଜା ବିଧି କହିଲେ ନୂତନ ବସ୍ତ୍ର ପରିଧାନ, ନାନା ପ୍ରକାର ପାଚିଲା ଫଳ ଓ ପୁଷ୍ପକୁ ନେଇ ପୂଜା କରିଥାନ୍ତି କୁମାରୀମାନେ। ଏହାର ମହତ୍ତ୍ୱ କହିଲେ ଅପୁତ୍ରିକ ସ୍ତ୍ରୀ ଲୋକମାନେ ପୁତ୍ର ପାଇଁ ମାନସିକ ରଖିଥାନ୍ତି ଓ କୁମାରୀମାନେ ନିଜର ବୈବାହିକ ଜୀବନ ପାଇଁ ଓ ସୁନ୍ଦର ସ୍ୱାମୀ ପାଇବା ପାଇଁ ମାନସିକ ରଖିଥାନ୍ତି। ଏହି ଓଷା ଆଶ୍ୱିନ ମାସର ପୂର୍ଣ୍ଣିମାରେ ବିଭିନ୍ନ ପ୍ରକାର ପିଠା ତିଆରି କରି ପୂଜା କରିଥାନ୍ତି ଏବଂ ରାତି ତମାମ ଉଜାଗର ରହି ପୂଜା କରିଥାନ୍ତି।

## ବିଜେଡି ନଜରରେ ଭଞ୍ଜନଗର ଏନ୍‌ଏସି ମ୍ୟୁନିସିପାଲିଟି

# ମହିଳା ବିଜେଡି ସଭାନେତ୍ରୀ ନିର୍ବାଚିତ

ଭଞ୍ଜନଗର,୧୦।୧୦(ଡି.ଏନ.ଏ)

ଗଞ୍ଜାମ ଜିଲା ମହିଳା ବିଜେଡି କର୍ମକର୍ତ୍ତା ନାମ ରବିବାର ଘୋଷଣା ହୋଇଛି। ଭଞ୍ଜନଗର ବ୍ଲକ ଓ ଏନ୍‌ଏସି ଏବଂ ଜଗନ୍ନାଥପ୍ରସାଦ ବ୍ଲକ ବିଜେଡି ସଭାନେତ୍ରୀମାନେ ଦ୍ୱିତୀୟ ଥର ପାଇଁ ସଭାନେତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି। ଏ ନେଇ ଦଳ ପକ୍ଷରୁ ରବିବାର ନାମ ଘୋଷଣା କରାଯାଇଛି। ଭଞ୍ଜନଗର ବ୍ଲକ ବିଜେଡି ସଭାନେତ୍ରୀ ଭାବେ ଜିଲାପରିଷଦ ସଭ୍ୟା ଶୈଳବାଳା ବିଶୋଇ ନିର୍ବାଚିତ ହୋଇଛନ୍ତି। ସେହିଭଳି ଭଞ୍ଜନଗର ଏନ୍‌ଏସି ବିଜେଡି ସଭାନେତ୍ରୀ ଭାବେ ସୁଜ୍ଞାନୀ ଗୌଡ଼ ନିର୍ବାଚିତ ହୋଇଛନ୍ତି। ଜଗନ୍ନାଥପ୍ରସାଦ ବ୍ଲକ ବିଜେଡି ସଭାନେତ୍ରୀ ଭାବେ ଲିପିକା ସ୍ୱାଇଁ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିବା ବେଳେ ବେଲଗୁଣ୍ଠା ଏନ୍‌ଏସି ସଭାନେତ୍ରୀ ଭାବେ ଗାୟତ୍ରୀ ମହାପାତ୍ର, ବେଲଗୁଣ୍ଠା ବ୍ଲକ ସଭାନେତ୍ରୀ ଭାବେ ମମତା ଭୋଳ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ଏହି ଖବର ନୂତନ କର୍ମକର୍ତ୍ତାଙ୍କ ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ପହଞ୍ଚିବା ପରେ ସେମାନଙ୍କ ସମର୍ଥକମାନେ ଖୁସି ବ୍ୟକ୍ତ କରିଛନ୍ତି। ଏଥିସହ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ବିକ୍ରମ କେଶରୀ ଆରୁଖ, ମହିଳା ବିଜେଡି ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଗଞ୍ଜାମ ଜିଲା ସଭାନେତ୍ରୀ ସଂଘମିତ୍ରା ଦଲେଇଙ୍କୁ ସେମାନେ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଜିଲା ଉପସଭାନେତ୍ରୀ ଭାବେ ପୂର୍ବତନ ଭଞ୍ଜନଗର ବ୍ଲକ ଅଧକ୍ଷା ସୁମତି ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଏଥିସହ ଭଞ୍ଜନଗର ଅଞ୍ଚଳର ଆଉ କେତେକ ମହିଳା କର୍ମକର୍ତ୍ତା ବିଭିନ୍ନ ପଦପଦବୀ ପାଇଁ ନିର୍ବାଚିତ ହୋଇଥିବା ଜଣାପଡିଛି। ବେଲଗୁଣ୍ଠା ବ୍ଲକ ଅଧକ୍ଷ ପ୍ରଶାନ୍ତ ନାୟକ ନୂତନ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଦଳ ଆଗାମୀ ଦିନରେ ଅଧିକ ସୁଦୃଢ଼ ହେବ ବୋଲି କହିଛନ୍ତି। ଅପରପକ୍ଷେ ବିଜେଡି ମହିଳା ରାଜ୍ୟ ସଭାନେତ୍ରୀଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରେ ଭଞ୍ଜନଗର ଏନ୍‌ଏସିକୁ ମୁନିସିପାଲିଟି ଭାବେ ଦର୍ଶାଯାଇଥିବା ଜଣାପଡିଛି। ଯାହାକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୧୧ ଅକ୍ଟୋବର, ୨୦୨୨



## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ବାଲିଗୁଡା,(ଡି.ଏନ୍.ଏ.): ତାଲୁକା ଆଇନ ସେବା ସମିତିର ଜିଲା ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ଜିଲା ଲିଗାଲ ସର୍ଭିସ ଅଥରିଟି ଏବଂ କନ୍ଧମାଳ ଜିଲା ତାଲୁକା ଆଇନ ସେବା ସମିତି ସହଯୋଗରେ ବାଲିଗୁଡା ସ୍ଥିତ ବନବାସୀ ସେବା ସମିତିର ସଭାଗୃହଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍ ତଥା ତାଲୁକା ଆଇନ ସେବା ସମିତିର ଅଧ୍ୟକ୍ଷ ଦିଲୀପ କୁମାର ବିଶ୍ୱାଳ ଯୋଗଦେଇଥିବା ବେଳେ ଜିଲା ଆଇନ ପ୍ରାଧିକରଣର ସଚିବ ଅନୁଶିଳା ରଏ, ବନବାସୀ ସେବା ସମିତିର ସହସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ଅଦ୍ୱେଶ୍ୱା ମହାପାତ୍ର ଏବଂ ଅଶୋକ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

## ସଂକ୍ଷେପରେ

### ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ

ଆସିକା,୧୦।୧୦(ଡି.ଏନ.ଏ.)– ଗାଙ୍ଗପୁର ଥାନା ଅନ୍ତର୍ଗତ ପାଇଲିପଡା ଗ୍ରାମରେ ରବିବାର ଧାନପୁଞ୍ଜା ଗ୍ରାମର ଦେବବ୍ରତ ଗୌଡଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ପୋଲିସ ଏହି ମାମଲାରେ ପାଇଲିପଡା ଗ୍ରାମର ସୁବାସ ସେଠୀଙ୍କୁ ସୋମବାର ଗିରଫ କରିଛି। ଏ ନେଇ ଗାଙ୍ଗପୁର ଥାନାରେ ନଂ. ୪୫୯/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

### ଆମ୍ବୁଲାନ୍ସ ସେବା ଶୁଭାରମ୍ଭ

ପାରଳାଖେମୁଣ୍ଡି,୧୦।୧୦–ରାୟଗଡ଼ ବ୍ଲକ ଅଧିନ ଆନ୍ଧ୍ର ଓ ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭାବେ ପରିଚିତ ଗଙ୍ଗାବାଡ଼ ପଞ୍ଚାୟତରେ ସ୍ୱାସ୍ଥ୍ୟ ସେବା ସୁଧାର ଆଣିବା ଦିଗରେ ଜିଲାପ୍ରଶାସନଙ୍କ ପ୍ରଚେଷ୍ଟାରେ ସୋମବାର ଆମ୍ବୁଲାନ୍ସ ସେବା ପ୍ରଦାନ କରାଯାଇଛି। ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ସବିର କୁମାର ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ସରପଞ୍ଚ ହରିବନ୍ଧୁ କାର୍ଯୀ, ସମିତି ସଭ୍ୟା ସୁମିତ୍ରା ଶବର, ନାଏବ ସରପଞ୍ଚ ସୁକୁମତି ଭୂୟାଁ, କଇଁପୁର ସୁପରଭାଇଜର ଡି. ଶଙ୍କର ରାଓ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମହେନ୍ଦ୍ର ରଣା, ମାଣିକ ଭୂୟାଁ, ମିଷ୍ଟାଞ୍ଜଳି ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

### ୪ବର୍ଷ ହେଲା ଡିଆଇଇଟି ବୋର୍ଡ ସାର୍ଟିଫିକେଟ ମିଳିନି

ଗଞ୍ଜାମ,୧୦।୧୦(ଡି.ଏନ.ଏ.)– ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ଭବିଷ୍ୟତକୁ ନେଇ ଅଧ୍ୟୟନ କ୍ଷେତ୍ରରେ କଠିନ ପରିଶ୍ରମ କରିଥାନ୍ତି। ହେଲେ କେତେକ ଛାତ୍ରଙ୍କ କ୍ଷେତ୍ରରେ ଧୋକା ଖାଇ ଅନିଶ୍ଚିତ ଭବିଷ୍ୟତକୁ ନେଇ ଚିନ୍ତିତ ହୋଇପଡ଼ିଥାନ୍ତି। ଏପରି ଏକ ଘଟଣା ଘଟିଛି ଗଞ୍ଜାମ ବ୍ଲକ ଅନ୍ତର୍ଗତ ଡିଆଁଡେଇଁ ଗ୍ରାମର ଛାତ୍ର ବିମଳ କୁମାର ନାହାକଙ୍କ କ୍ଷେତ୍ରରେ। ଛାତ୍ର ଜଣଙ୍କ ୨୦୧୮ରେ ଖଲ୍ଲିକୋଟ ସ୍ଥିତ ଡିଆଇଇଟି କଲେଜରୁ ପାସ ହୋଇଥିଲେ। ପରେ ତାଙ୍କର ସାର୍ଟିଫିକେଟ ଆସିଥିଲା। କିନ୍ତୁ ସେଥିରେ ବୋର୍ଡର ଲୋଗୋ ନଥିବାରୁ ଏନେଇ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। କଲେଜ କର୍ତ୍ତୃପକ୍ଷ ସାର୍ଟିଫିକେଟ ଫେରାଇ ନେଇଥିଲେ ଏବଂ ବୋର୍ଡ କାର୍ଯ୍ୟାଳୟରେ ଆବେଦନ କରିବା ପାଇଁ ପରାମର୍ଶ ଦେଇଥିଲେ। କଟକ ବୋର୍ଡ କାର୍ଯ୍ୟାଳୟରେ ଆବେଦନ କରାଯାଇ ବାରମ୍ବାର ଦୌଡୁଥିଲେ ମଧ ବର୍ତ୍ତମାନ ସୁଦ୍ଧା ବିମଳ ସାର୍ଟିଫିକେଟ ପାଇନାହାନ୍ତି। ଏ ନେଇ ବିମଳଙ୍କ ବଡ଼ ଭାଇ ମନୋରଞ୍ଜନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ୫–ଟି ସଚିବ କାର୍ଯ୍ୟାଳୟ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚ ଶିକ୍ଷାମନ୍ତ୍ରୀ ସମିର ଦାଶ ଓ ବୋର୍ଡ କାର୍ଯ୍ୟାଳୟ, ଡିଇଓଙ୍କୁ ଟୁଇଟ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି। ସେହିପରି ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳ ଗୌଡ଼ଗାଁର ଛାତ୍ର ବିକ୍ରମ କେଶରୀ ପାଣିଗ୍ରାହୀଙ୍କ ମଧ ଲୋଗୋ ସମସ୍ୟା ନେଇ ବୋର୍ଡ ସାର୍ଟିଫିକେଟ ପାଇନଥିବା ଅଭିଯୋଗ କରିଛନ୍ତି।

# ଚାକିରି ନାଁରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ

ଆର୍.ଉଦୟଗିରି,୧୦।୧୦(ଡି.ଏନ୍.ଏ.)

ଏକ ସଂସ୍ଥାରେ ଚାକିରି ଦେବା ସହ ଗରିବ ହିତାଧିକାରୀଙ୍କୁ ସହାୟତା ଯୋଗାଇଦେବାକୁ ପ୍ରଲୋଭନ ଦେଖାଇ ଜଣେ ଯୁବକ ବିଭିନ୍ନ ଅଞ୍ଚଳରୁ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଗଜପତି ଜିଲା ମୋହନା ଥାନା କଳାମେରି–ନୂଆସାହି ଗାଁର ଯୁବକ ଗଞ୍ଜାମ ଜିଲା ଦିଗପହଣ୍ଡିରେ ଆଶିଷ ପ୍ରଧାନର ପରିଚୟ ଦେଇ ହୋଲିନେସ୍ ଓମେନସ୍ ୱେଲ୍‌ଫେୟାର ଫାଉଣ୍ଡେଶନ ନାମରେ ସଂସ୍ଥାର ଏକ ଅଫିସ ଖୋଲି ଗତ ଜୁଲାଇରେ ଗଞ୍ଜାମ ଜିଲା ଦିଗପହଣ୍ଡି, ହିଞ୍ଜିଳିକାଟୁ, ଆସିକା, ଶେରଗଡ଼ ଓ ପାତ୍ରପୁର ବ୍ଲକ ସମେତ ୮ ବ୍ଲକରେ ବ୍ଲକ କୋର୍ଡିନେଟର ଓ ପଞ୍ଚାୟତ କୋର୍ଡିନେଟର ଭାବେ ନିଯୁକ୍ତି ପାଇଁ କ୍ୟାଣ୍ଡିଡେଟ୍ ପିଛା ୫ରୁ ୬ ହଜାର ଟଙ୍କା ନେଇ ନିଯୁକ୍ତି ଦେବା ସହ ମାସିକ ୧୩ ହଜାର ଟଙ୍କା ଦରମା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କୋର୍ଡିନେଟରମାନେ ଗାଁକୁ ଗାଁ ଯାଇ ଗର୍ଭବତୀ ଓ ପ୍ରସୂତିମାନଙ୍କୁ ବେବି କିଟ୍ ସହ ୨ ବର୍ଷ ଯାଏ ବର୍ଷକୁ ୩ ହଜାର ୬ ଶହ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ହିତାଧିକାରୀଙ୍କଠାରୁ ଫର୍ମ ଫିଲପ ବାବଦକୁ ୩ ଶହ ଟଙ୍କା ଲେଖାଏ ନେଇଥିଲେ। କୋର୍ଡିନେଟରମାନେ ବିଭିନ୍ନ ପଞ୍ଚାୟତରୁ ଲକ୍ଷାଧିକ ଟଙ୍କା ସଂଗ୍ରହିକରି ସଂସ୍ଥା ମାଲିକଙ୍କୁ ଦେଇଛନ୍ତି। ହେଲେ ୩ ମାସ ହେଲାଣି ବର୍ତ୍ତମାନ ସୁଦ୍ଧା କର୍ମଚାରୀମାନଙ୍କୁ ଦରମା ନ ଦେଇ ଅଫିସରେ ଏବେ ତାଲା ଝୁଲୁଛି। ପ୍ରତିଶ୍ରୁତି ମୁତାବକ କର୍ମଚାରୀଙ୍କୁ ଦରମା ଓ ହିତାଧିକାରୀଙ୍କୁ କୌଣସି ସହାୟତା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି କର୍ମଚାରୀ ପଦ୍ମାବତୀ ପଣ୍ଡା, କେଶବ ଚନ୍ଦ୍ର ରଣା, ରଞ୍ଜିତ ପ୍ରଧାନ, ପ୍ରମିଳା ପ୍ରଧାନ। କର୍ମଚାରୀମାନେ ମାଲିକଙ୍କୁ ପଚାରିବାରୁ ଟଙ୍କା ଫେରାଇ ଦେବେ ବୋଲି କହି ଦିନ ଗଡ଼ାଉଛନ୍ତି। ବାଧହୋଇ ୮ ଜଣ କର୍ମଚାରୀ ରବିବାର କଳାମେରି ନୂଆସାହି ସ୍ଥିତ ମାଲିକ ଘରକୁ ଯାଇ ଟଙ୍କା ମାଗିଥିଲେ। ହେଲେ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ହତାହାତି ପରିସ୍ଥିତି ସୃଷ୍ଟି ହୋଇ କେତେଜଣ ମହିଳା କର୍ମଚାରୀ ଆହତ ହୋଇଛନ୍ତି। ସମ୍ପୃକ୍ତ ମାଲିକ ଘଟଣାସ୍ଥଳରୁ ଟଙ୍କା ନ ଦେଇ ଫେରାର ହୋଇଯାଇଛି। ଖବର ପାଇ ସରପଞ୍ଚ ଗାଁରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଟଙ୍କା ନ ମିଳିଲେ ଏସ୍‌ପିଙ୍କ ଦ୍ୱାରସ୍ଥ ହେବା ସହ ଆବଶ୍ୟକ ପଡ଼ିଲେ ମହିଳା କମିଶନରଙ୍କ ନିକଟରେ ଅଭିଯୋଗ କରିବେ ବୋଲି କର୍ମଚାରୀମାନେ କହିଛନ୍ତି। ଏନେଇ ସମ୍ପୃକ୍ତ ମାଲିକଙ୍କ ମା' କହିଛନ୍ତି, ସେ କ'ଣ ଅଫିସ କରିଛି ଜାଣିନାହାନ୍ତି, ଯଦି ଟଙ୍କା ନେଇଛି ଫେରାଇଦେବ।

# ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ



ଭୁଶିଡ଼ି ପଡ଼ିଥିବା ଘରର କାନ୍ଥ।

ପାରଳାଖେମୁଣ୍ଡି,୧୦।୧୦(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ଅଞ୍ଚଳର ଲଗାଣ ବର୍ଷାରେ ଜଣେ ବ୍ୟକ୍ତିଙ୍କ ଘର କାନ୍ଥ ଭୁଶୁଡି ପଡିଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କୁସୁମପଲ୍ଲୀ ଗାଁର ଲିଙ୍ଗରାଜ ନାୟକ ତାଙ୍କ ପରିବାର ସହ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ କାନ୍ଥ ଭୁଶୁଡି ପଡିଛି । ଶବ୍ଦ ଶୁଣି ଦମ୍ପତି ଘରୁ ବାହାରକୁ ବାହାରି ପଡ଼ିଥିଲେ। ଏଥିରେ କେହି ଆହତ ହୋଇ ନ ଥିଲେ ମଧ ଘରର ଖାଦ୍ୟ ସାମଗ୍ରୀ ଓ ଜିନିଷ ପତ୍ର ନଷ୍ଟ ହୋଇଯାଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇବା ପାଇଁ ଦାବି ହୋଇଛି ।

# ଓଁ ଶାନ୍ତି ଭଞ୍ଜନଗର ଶାଖାର ପ୍ରତିଷ୍ଠା ଉତ୍ସବ




ମଞ୍ଚାସୀନ ଅତିଥି।

ଭଞ୍ଜନଗର,୧୦।୧୦(ଡି.ଏନ.ଏ)

ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ (ଓଁ ଶାନ୍ତି) ଭଞ୍ଜନଗର ଶାଖାର ୩୯ତମ ପ୍ରତିଷ୍ଠା ଉତ୍ସବ ଏବଂ ଶାନ୍ତି ସ୍ରୋତ ଭବନର ପ୍ରଥମ ବାର୍ଷିକ ଉତ୍ସବ ସୋମବାର ସ୍ଥାନୀୟ ବାଗ୍‌ଦେବୀ ରୋଡ଼ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଉତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତୋଳନ କରିବା ସହ ଶାନ୍ତି ଶୋଭାଯାତ୍ରାକୁ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ମଧାହ୍ନରେ ଅନୁଷ୍ଠିତ ଆଧ୍ୟାତ୍ମିକ ସଭାରେ ଡିଏଫ୍‌ଓ ବେହେରାଙ୍କ ସମେତ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ଭଞ୍ଜନଗର ଶାଖାର ମୁଖ୍ୟ ସଂଯୋଜିକା ବ୍ରହ୍ମା କୁମାରୀ ସନ୍ତୋଷିନି ସଭାକୁ ସଂଯୋଜନା କରିଥିବା ବେଳେ ବ୍ରହ୍ମା କୁମାରୀ ନିରୁ ସ୍ୱାଗତ ଭାଷଣ ଦେଇଥିଲେ। ବ୍ରହ୍ମ କୁମାର ଅକ୍ଷୟ ଧନ୍ୟବାଦ ପ୍ରଦାନ କରିଥିଲେ।

# ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

- ସ୍ତ୍ରୀଙ୍କ ଏତଲା ଆଧାରରେ ମାମଲା ରୁଜୁ
- ଦାଦନ ଶ୍ରମିକଙ୍କ ହାତ ଗୋଡ଼ କାଟିବା ଘଟଣା

ଆର୍.ଉଦୟଗିରି,୧୦।୧୦

(ଡି.ଏନ୍.ଏ.)ଗଜପତି ଜିଲା ଅଡ଼ବା ଥାନା କଲବା ଗାଁର ଦାଦନ ଶ୍ରମିକ ଶାଙ୍କ ମୁର୍ମୁଙ୍କ ଗୋଡ଼ ହାତ କଟା ଘଟଣାର ଦୀର୍ଘଦିନ ପରେ ପୋଲିସ ଥାନାରେ ମାମଲା ରୁଜୁ କରିଛି। ଶାଙ୍କଙ୍କ ସ୍ତ୍ରୀ ସୁଶୀଳା ମୁର୍ମୁଙ୍କ ଏତଲା ଆଧାରରେ ଅଡବା ପୋଲିସ ମାମଲା ନଂ.୧୧୯/୨୨ ରୁଜୁ କରିବା ସହ ତଦନ୍ତ କରୁଛି। ଅଡ଼ବା ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି, ଶୀଘ୍ର ଏକ ଟିମ୍ ଉତ୍ତରପ୍ରଦେଶ ଯାଇ ତଦନ୍ତ କରିବ। ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ହାତ ଗୋଡ଼ କାଟିଦେବା ଭଳି ଏକ ସମ୍ବେଦନଶୀଳ ଘଟଣାରେ ମାମଲା ରୁଜୁ ନ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ଓ ଜିଲା ଶ୍ରମ ବିଭାଗ ମିଳିତ ଭାବେ ଏହି ଘଟଣାର ତଦନ୍ତ କରିବେ ବୋଲି ଥାନା ଅଧିକାରୀ କହିଛନ୍ତି। ଏହି ଘଟଣାରେ ଏଯାଏ ଶ୍ରମ ବିଭାଗ କୌଣସି ପଦକ୍ଷେପ ନେଇ ନ ଥିବା ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ଉପରେ ସମସ୍ତ ନଜର ରହିଛି। ଅଭିଯୋଗ ଅନୁଯାୟୀ, ଶାଙ୍କ ମୁର୍ମୁଙ୍କୁ ମାସିକ ୨୦ ହଜାର ଟଙ୍କା ମିଳିବ ବୋଲି ପ୍ରଲୋଭନ ଦେଖାଇ ଉତ୍ତରପ୍ରଦେଶର ଏକ ସିମେଣ୍ଟ କମ୍ପାନୀକୁ ନିଆଯାଇଥିଲା। ସେଠାରେ କିଛିଦିନ କାମ କରିବା ପରେ ଶାଙ୍କ ମଜୁରି ଟଙ୍କା ମାଗିଥିଲେ। ପରେ ତାଙ୍କୁ ଅଚେତ କରାଯାଇଥିଲା। ଚେତା ଫେରିବା ପରେ ଗୋଟିଏ ଗୋଡ଼ ଓ ଗୋଟିଏ ପାପୁଲି କଟିଯାଇଥିବା ଦେଖିଥିଲେ। ଏ ନେଇ ସେଠାରେ ଚିକିତ୍ସା କରାଯାଇ ଗାଁକୁ ପଠାଇ ଦେଇଥିଲା। ରେଳଲାଇନରେ ପଡ଼ିଥିବା ବେଳେ ତାଙ୍କୁ ଉଦ୍ଧାରକରି ଆଣିଛୁ ବୋଲି ଶାଙ୍କଙ୍କୁ ଗ୍ରାମକୁ ଛାଡ଼ିବାକୁ ଆସିଥିବା ଯୁବକମାନେ କହିଛନ୍ତି। ଏହି ଘଟଣା ସମ୍ପର୍କରେ ବ୍ରହ୍ମପୁର ସାମାଜିକ କର୍ମୀ ରବୀନ୍ଦ୍ର ମିଶ୍ର ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ କମିଶନ ଗ୍ରହଣ କରିବା ସହ ଆସନ୍ତା ୮ ସପ୍ତାହ ମଧରେ ରିପୋର୍ଟ ଦେବାକୁ ଗଜପତି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ସୁନାଥରରେ ମଦ ବିକ୍ରି ବନ୍ଦକଲେ ଗ୍ରାମବାସୀ



ମଦଦୋକାନକୁ ଗ୍ରାମବାସୀ ବନ୍ଦ କରୁଛନ୍ତି।

ପୁରୁଷୋତ୍ତମପୁର,୧୦।୧୦(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ସୁନାଥର ଗ୍ରାମ ମହିଳା, ପୁରୁଷ ସମସ୍ତେ ଏକତ୍ରିତ ହୋଇ ଗ୍ରାମରେ ମଦ କାରବାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଛନ୍ତି। ଗ୍ରାମରେ ପ୍ଲାକାର୍ଡ ଧରି ମଦ ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସରପଞ୍ଚ ଅନିଲ କୁମାର ନାହାକଙ୍କୁ ଏକ ସ୍ମାରକପତ୍ର ଦେଇ ସହଯୋଗ ଲୋଡ଼ିଥିଲେ। ଏହି ଦାବିକୁ ସରପଞ୍ଚ ସମର୍ଥନ ଦେଇ ଜନସାଧାରଣଙ୍କୁ ସଚେତନତା କରିଥିଲେ। ଏଥିସହ ଗ୍ରାମରେ ଥିବା ଦେଶୀ ମଦ ଦୋକାନକୁ ଯାଇ ବନ୍ଦ କରାଇ ବିକ୍ରି ନ କରିବାକୁ କହିଥିଲେ। ଯଦି କେହି ଚୋରାରେ ଗ୍ରାମରେ କିମ୍ବା ଗ୍ରାମ ଇଲାକାରେ ମଦ ବିକ୍ରି କରନ୍ତି ସେମାନଙ୍କ ବିରୋଧରେ ଗ୍ରାମବାସୀ କଠୋର ପଦକ୍ଷେପ ନେବା ଲାଗି କଡ଼ା ଚେତାବନୀ ଦେଇଛନ୍ତି। ଏଥିରେ ରବୀନ୍ଦ୍ର ନାହାକ, ପ୍ରଶାନ୍ତ କୁମାର ବସନ୍ତିଆ, ସଞ୍ଜୟ ନାହାକ, ରାମ ନାହାକଙ୍କ ସମେତ ମହିଳା ଗୋଷ୍ଠୀ, ବିଭିନ୍ନ ସଙ୍ଗଠନ ସହ ବହୁ ଗ୍ରାମବାସୀ ଯୋଗଦେଇଥିଲେ।

# ସ୍ତ୍ରୀଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

ଆସିକା,୧୦।୧୦(ଡି.ଏନ.ଏ.)

ଆସିକା ଏନ୍‌ଏସିର ଅଶୋକା ସିନେମା ଛକ ନିକଟରେ ରବିବାର ଏକ ଭଡା ଘରେ ରହୁଥିବା ଲକ୍ଷ୍ମୀପ୍ରିୟା ମିଶ୍ରଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପୋଲିସ ଏହି ମାମଲାର ମୃତ ମହିଳାଙ୍କ ସ୍ୱାମୀ ସୀମାଞ୍ଚଳ ମିଶ୍ରଙ୍କୁ ଧରାକୋଟ ନିକଟସ୍ଥ ମୁଣ୍ଡମରାଇଠାରୁ ଧରି ଅଟକ ରଖିଥିଲେ। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରିକୁ ମଧ ପୋଲିସ ଜବତ କରିଛି। ଦୀର୍ଘଦିନ ଧରି ସ୍ୱାମୀ ଓ ସ୍ତ୍ରୀ ମଧରେ ରହିଥିବା ପାରିବାରୀକ କନ୍ଦଳରେ ଏହା ଏକ ବିସ୍ଫୋରକ ପରିସ୍ଥିତି ବୋଲି ପୋଲିସ ତଦନ୍ତରୁ ଜଣାପଡିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ମହିଳା ଜଣକ ତାଙ୍କ ସାନ ପୁଅ ସହ ଭଡା ଘରେ ରହୁଥିଲା ବେଳେ ତାଙ୍କ ସ୍ୱାମୀ ବାହାରେ ରହୁଥିଲେ । ତେବେ ବେଳେ ବେଳେ ଘରକୁ ଆସିଲେ ନିଶାସକ୍ତ ଅବସ୍ଥାରେ ସ୍ୱାମୀ ସ୍ତ୍ରୀଙ୍କ ମଧରେ କଳି ଚକରାଳ ଲାଗି ରହୁଥିଲା। ଏତଦ ପରିସ୍ଥିତିରେ ରବିବାର ମହିଳା ଜଣକ ଏକାକି ଘରେ ଥିଲା ବେଳେ ଅଭିଯୁକ୍ତ ସ୍ୱାମୀ ଅତି ନୃଶଂସ ଭାବେ ତାଙ୍କୁ ହତ୍ୟା କରିଥିବା ଜଣାପଡିଛି। ସୋମବାର ପୋଲିସ ଫରେନସିକ ଟିମ ପହଞ୍ଚିବ ଯାଞ୍ଚ କରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଛି।

# ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଜନ ଅଭିଯୋଗ ଶୁଣାଣି




ଜନଶୁଣାଣିରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ପାରଳାଖେମୁଣ୍ଡି,୧୦।୧୦(ଡି.ଏନ୍.ଏ.)

ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରିପଦାର ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଓ ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀଙ୍କ ମିଳିତ ଏହି ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ନୂଆଗଡ଼ ବ୍ଲକର ଖଜୁରିପଦା, ବଡ଼ପଦା, କେ.ଝାଲାର୍ଶିଙ୍ଗି ଓ ନୂଆଗଡ଼ ଗ୍ରାମ ପଞ୍ଚାୟତର ସମୁଦାୟ ମୋଟ ୯୩ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୩୪,ଗ୍ରାମ ଭିତ୍ତିକ ସମସ୍ୟା ୫୯, ଗୋଟିଏ ଅଭିଯୋଗକୁ ତୁରନ୍ତ ଫଇସଲା କରାଯାଇ ସମାଧାନ କରାଯାଇଛି। ଜଣକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫୦୦୦ ଟଙ୍କା ପ୍ରଦାନ କରାଯାଇଛି ଏବଂ ଅନ୍ୟ ସବୁ ଅଭିଯୋଗର ତୁରନ୍ତ ସମାଧାନ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏହି ଅଭିଯୋଗ ଶୁଣାଣି ସମୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ଗଜପତି ରୋମାଞ୍ଚଳ ଖମାରୀ, ପିଏ ଆଇଟିଡିଏ ଫାଲ୍‌ଗୁନୀ ମାଝି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପ୍ରଦୀପ କୁମାର ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାବେନ୍ଦୁ ମହାନ୍ତି, ତହସିଲଦାର ଆଶିଷ କୁମାର ପ୍ରଧାନ, ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ, ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ, ସରପଞ୍ଚ ଓ ସମସ୍ତ ଜିଲା ସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# ୨୫୪ ଅଭିଯୋଗ ଶୁଣିଲେ ଜିଲାପାଳ

ଶେରଗଡ,୧୦।୧୦(ଡି.ଏନ.ଏ.)




ଅଭିଯୋଗ ଶୁଣାଣିରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଶେରଗଡ଼ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ବ୍ଲକ ଗୋଦାମ ଘର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଉପଜିଲାପାଳ ଜ୍ୟୋତି ପ୍ରକାଶ ରାଏ, ପ୍ରବେବୋସନ ଆଇଏସ ଧିନେ ଦସ୍ତାଗିରି, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ବ୍ରିଜେଶ କୁମାର ରଏ, ଭଞ୍ଜନଗର ଉପଜିଲାପାଳ ବିଜୟ ନାୟକ ଯୋଗ ଦେଇ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ବ୍ୟକ୍ତିଙ୍କଠାରୁ ଅଭିଯୋଗ ଶୁଣିଥିଲେ। ସୁଚିସ୍ମିତା ମାଝୀ ଓ ବିଡିଓ ଶିବାସିସି ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଅଭିଯୋଗ ଶିବିରରେ ୨୫୪ ଅଭିଯୋଗ ହୋଇଥିଲା। ରାଶନ କାର୍ଡ ପାଇଁ ୩୦, ଚିକିତ୍ସା ସହାୟତା ପାଇଁ ୧୦, ବିଦ୍ୟୁତ୍ ସମସ୍ୟା ସମାଧାନ ପାଇଁ ଜଣେ, ଟ୍ରାଇ ସାଇକେଲ ପାଇଁ ୨, ତାଲିମ ପାଇଁ ୫୦, ଅନ୍ୟାନ୍ୟ ବ୍ୟକ୍ତିଗତ ସମାସ୍ୟା ପାଇଁ ୧୫୦ ଥିବାବେଳେ, ସାମୁହିକ ସମାସ୍ୟା ପାଇଁ ୧୦ ଅଭିଯୋଗ କରିଥିଲେ। ଏଥିରେ ୭ଟି ଆର୍ଥିକ ସହାୟତା ପାଇଁ ଅଭିଯୋଗ ଥିବାବେଳେ ମୋଟ ୫୩ହଜାର ଚେକ ଆକାରରେ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଚିକିତ୍ସା ସହାୟତା ଭାବେ ସୋନାଲି ସାମଲଙ୍କୁ ୨୦ହଜାର, ପ୍ରଫୁଲ ସାମଲଙ୍କୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଉକ୍ତ ଅଭିଯୋଗ ଶୁଣାଣିରେ ନିମାଇଁ ଚରଣ ବସ୍ତିଆ, ଅଶୋକ କୁମାର ପଣ୍ଡା, ଉପଖଣ୍ଡ ଯୋଗାଣ ଅଧିକାରୀ ସକଳେଶ୍ୱର ଦାସ, ପରିକ୍ଷିତ ଦାଶ, ଅଧିକ୍ଷଣ ଯନ୍ତ୍ରୀ ଜଳ ଯୋଗାଣ ପ୍ରତାପ ଚନ୍ଦ୍ର ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ଇନ୍ଦ୍ରଜିତ୍ ସିଂ, ଅଧିକ୍ଷଣ ଯନ୍ତ୍ରୀ କୋଠା ରାସ୍ତା ବାଡି ବିସିଏଚ ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଶିବରାମ ବେହେରା, ସହକାରୀ ଯନ୍ତ୍ରୀ ଜଳସେଚନ ମଧୁସୂଦନ ଦଶ, ସହକାରୀ ବନ ସଂରକ୍ଷକ ପ୍ରଭାକର ନାୟକ, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲା ସମାଜମଙ୍ଗଳ ଅଧିକାରୀ ଶୁଭଶ୍ରୀ ପାତ୍ର, ସିଡିପିଓ ଗୀତାଞ୍ଜଳୀ ରାଉଳ, ନିର୍ବାହୀ ଯନ୍ତ୍ରୀ ଆଦିନାରାୟନ ମିଶ୍ର, ଆସିକା ଏସ୍‌ଡିପିଓ ଉମାକାନ୍ତ ସିଂ, ତହସିଲଦାର ଡ. ଦୟା ସିନ୍ଧୁ ପରିଡା,ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାର ନାଥ ପଣ୍ଡା, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୀନ ବେହେରା, ସମିତି ସଭ୍ୟା ସବିତାରଣୀ ଚୌଧୁରୀ, ଦୁର୍ଗା ପ୍ରସାଦ ବିଷୋୟୀ, ସମୀର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଅଟୋନଗର ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତା ମରଣଯନ୍ତା

## ପ୍ରଶାସନିକ ଅଧିକାରୀଙ୍କ ପଡୁନି ଦୃଷ୍ଟି

ଗୋପାଳପୁର,୧୦।୧୦(ଡି.ଏନ୍.ଏ.)



ଖାଲଖମା ସହ ଅଟୋନଗର ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତାରେ ବର୍ଷାପାଣି ଜମି ରହିଛି ।

ଗଞ୍ଜାମ ଜିଲା ଅଧୀନ ୧୬ ନଂ. ଜାତୀୟ ରାଜପଥ ଜଗନ୍ନାଥପୁର ସୁମାଣ୍ଡି ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଗତ ୧୦ମାସ ମଧ୍ୟରେ ଗୋଳନ୍ଥରା ଥାନାଞ୍ଚଳର ୨୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକେ ଆହତ ହୋଇଛନ୍ତି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅଟୋନଗରଠାରେ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲୁଛି। ଏହି କାର୍ଯ୍ୟ ଶତକଡ଼ା ୯୫ ଭାଗରୁ ଊର୍ଦ୍ଧ୍ୱ ଶେଷ ହୋଇଯାଇଛି। ହେଲେ ଉକ୍ତ ରାସ୍ତା କେବେ ଖୋଲାଯିବ ତାହା ବର୍ତ୍ତମାନ ସୁଦ୍ଧା ରହସ୍ୟ ଘେରରେ ରହିଛି। ଉକ୍ତ ରାସ୍ତା ଉପରେ ୧୧ ଓ ୩୩ କେଭି ବିଦ୍ୟୁତ୍ ତାର ଝୁଲି ରହିଛି। ଫଳରେ ରାସ୍ତା ଖୋଲିବା ନେଇ ବାଧା ସୃଷ୍ଟି ହୋଇଛି। ଝୁଲି ରହିଥିବା ବିଦ୍ୟୁତ୍ ତାରକୁ ସ୍ଥାନାନ୍ତର କରିବା ପାଇଁ ବିଭାଗ ପକ୍ଷରୁ ଟେଣ୍ଡର ହେବା ସହ କାର୍ଯ୍ୟ ଚାଲୁ ରହିଛି। ତେବେ ଉକ୍ତ କାର୍ଯ୍ୟ ମନ୍ଥର ଗତିରେ ଚାଲୁ ରହିଛି। ଫଳରେ ଏହା କେବେ ଶେଷ ହେବ ତାହା କହିବା ମୁସ୍କିଲ। ଓଭରବ୍ରିଜ୍‌ର ପାର୍ଶ୍ୱ ରାସ୍ତାରେ ବର୍ଷାପାଣି ଜମି ରହିବା ସହ ଖାଲଖମାରେ ପରିଣତ ହୋଇଛି। ଫଳରେ ବାଇକ ଆରୋହୀ ଓ ଅନ୍ୟ ଯାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଭଳି ସ୍ଥିତିରେ ରାସ୍ତା ଜାମ୍ ମଧ ରହୁଛି। ଜିଲା ପ୍ରଶାସନର ଅଧିକାରୀ, ରାଜପଥ କର୍ତ୍ତୃପକ୍ଷ ଓ ଜନ ପ୍ରତିନିଧି ଏହି ରାସ୍ତାରେ ଯାତାୟାତ କରୁଥିଲେ ମଧ ଏଭଳି ସମସ୍ୟା ପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଟ୍ରକ୍ ଯାତାୟାତ କରୁଛି। ବେଳେବେଳେ ଟ୍ରାଫିକ୍ ଜାମ୍‌ରେ ଆମ୍ବୁଲାନ୍ସ ମଧ ଫସି ରହିବା ଯୋଗୁ ରୋଗୀଙ୍କ ଜୀବନ ମଧ ଚାଲିଯିବା ସମ୍ଭାବନା ରହିଛି। ତୁରନ୍ତ ପାର୍ଶ୍ୱ ରାସ୍ତା ମରାମତି କରାଗଲେ ଦୁର୍ଘଟଣା ଓ ଟ୍ରାଫିକ ଜାମ୍‌ରୁ ମୁକ୍ତି ମିଳିବ ବୋଲି ସାଧାରଣରେ କୁହାଯାଇଛି।